# ସତ୍ୟବାର୍ତ୍ତା

## THE VOICE OF TRUTH

**May & June, 1998**

March - April.



**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**

# The Voice of Truth


**CHURCH OF CHRIST**
P.O. Box No. 80, KAKINADA,
A.P. - 533 001
Ph. 0884 - 63722



**Vol. 3 May & June, 1998 No. 3**


Published every two months in Oriya Language for the Restoration of pure New Testament Christianity


**FREE!** **FREE!!** **FREE!!**

Study the Bible in the quiet of your own home. Enrol yourself in the **BASIC BIBLE COURSE** in Oriya language. Complete the course and obtain a copy of Oriya Holy Bible obsolutely free! Send your address today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

# ସତ୍ୟବାଣୀ

# VOICE OF TRUTH

Vol-II KAKINADA MAY & JUNE 1998

## ବହୁମୂଲ୍ୟ ବୀଜ ବପନ

## (Scattering The precious Seed)

ଯୀଶୁଖ୍ରୀଷ୍ଟ ବିଷୟରେ ପ୍ରଚାର କରିବା, ତାହାଙ୍କ ବାକ୍ୟ ଶୁଣା-
ଦେବା; କେଡ଼େ ସୌଭାଗ୍ୟର ବିଷୟ! ତାହାଙ୍କ ଶକ୍ତିଦାୟକ ବାକ୍ୟ
ପାପୀମାନଙ୍କ ନିକଟରେ ପହଞ୍ଚିବା ଗୁରୁତର ଭାର । ଯେଉଁମାନେ
ତାହାଙ୍କ ଶୁଦ୍ଧ, ସରଳ ବାକ୍ୟକୁ ଆପଣା ସ୍ୱାର୍ଥ ଓ ସୁବିଧାନୁଯାୟୀ ପ୍ରଚାର
କରନ୍ତି ସେମାନେ ସାବଧାନ ହୁଅନ୍ତୁ। କାରଣ ପାଉଲ କହନ୍ତି
"କାରଣ ମୁଁ ଯଦି ସୁସମାଚାର ପ୍ରଚାର କରେ ସେଥିରେ ଦର୍ପ କରିବା-
ବାର କିଛି ନାହିଁ, ଯେହେତୁ ତାହା କରିବା ନିମନ୍ତେ ମୁଁ ବାଧ୍ୟ ଆଉ
ଯଦି ମୁଁ ସୁସମାଚାର ନ କରେ, ତେବେ ହାୟ, ମୁଁ ଦଣ୍ଡର ପାତ୍ର ।"
(୧ମ କରିନ୍ଥ ୯:୧୬) —

ତାହାଙ୍କ ବାକ୍ୟ ପ୍ରଚାର କରିବା ବହୁମୂଲ୍ୟ ବୀଜ ବପନ କରିବା ସଦୃଶ୍ୟ କାରଣ ...... ବୀଜ ଈଶ୍ୱରଙ୍କ ବାକ୍ୟ । ( ଲୂକ ୮:୧୧ ) ଏହି ବପନର ଫଳା ଫଳ କେବଳ ଈଶ୍ୱର ଜାଣି ପାରନ୍ତି ।

- ଏତଦ୍ୱାରା କେତେକଙ୍କ ହୃଦୟ ଆହୁରି କଠିନ ହୋଇଯାଏ ।
- ଆପଣାର ଆତ୍ମୀୟ, ବନ୍ଧୁ ବାନ୍ଧବ ମାନଙ୍କ ନିମନ୍ତେ ଶ୍ରବଣକାରୀମାନେ ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରନ୍ତୁ ।

- ଏହାର ପ୍ରଶ୍ନରଫଳରେ ଅନାଜ୍ଞାବଶି ମାନେ ପରମେଶ୍ୱରଙ୍କ ଆଜ୍ଞା-ବହ ହେବାର ସୁଯୋଗ ପାଆନ୍ତି ।

- ଏତଦ୍ୱାରା ପରମେଶ୍ୱରଙ୍କ ବାକ୍ୟରୁ ବିମୁଖ ଥିବା ଲୋକେ ଫେରି ଆସିବାକୁ ସୁଯୋଗ ପାଆନ୍ତି ।

- ଶ୍ରବଣ କାରୀ ମାନେ ଆହୁରି ଅଧିକ ଭାବେ ଖ୍ରୀଷ୍ଟଙ୍କ କାର୍ଯ୍ୟରେ ମନ ଯୋଗ କରିବାକୁ ସୁଯୋଗ ପାଇଥାନ୍ତି ।

- "କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ଲୋକର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୁଦୀ ପକ୍ଷରେ ଆଉ ମଧ୍ୟ ଗ୍ରୀକ ପକ୍ଷରେ । ( ରୋମୀୟ ୧:୧୬ )

- "ଆମ୍ଭ ମୁଖରୁ ନିର୍ଗତ ବାକ୍ୟ ସେପରି ହେବ, ତାହା ନିଷ୍ଫଳ ହୋଇ ଆମ୍ଭ ନିକଟକୁ ଫେରି ଆସିବ ନାହିଁ, ମାତ୍ର ଆମ୍ଭେ ଯାହା ଇଚ୍ଛା କରୁଁ ତାହା ସିଦ୍ଧ କରିବ ଓ ଯେଉଁ କାର୍ଯ୍ୟ ପାଇଁ ଆମ୍ଭେ ପ୍ରେରଣ କରୁ ତହିଁରେ କୃତାର୍ଥ ହେବ ।" (ଯିଶାଇୟ ୫୫ : ୧୧ )

ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚାର କରିବା ପ୍ରତ୍ୟେକ ଖ୍ରୀଷ୍ଟିୟାନର ପ୍ରଥମ କର୍ତ୍ତବ୍ୟ । ବହୁମୂଲ୍ୟ ବାକ୍ୟ ବପନ କରନ୍ତୁ, ତାହା ସକାଳରେ ଫଳ ଉତ୍ପନ୍ନ କରିବ ।

— Charles E. Cobb.

## ଯୀଶୁଖ୍ରୀଷ୍ଟଙ୍କ ପୁନଃ ଆଗମନ

## ( When Jesus comes again )

ବାଇବଲର ଅଧିକାଂଶ ଶିକ୍ଷା ଖ୍ରୀଷ୍ଟଙ୍କ ଆଗମନ ବିଷୟରେ କହୁଅଛି । ପୁରାତନ ନିୟମ ତାହାଙ୍କ ଆଗମନର ଭବିଷ୍ୟତ ବାଣୀ ପ୍ରକଟ କରେ, ନୂତନ ନିୟମର ପ୍ରଥମ ଭାଗ ସେହି ଭବିଷ୍ୟଦ୍‌ବାଣୀର ସଫଳତା ବର୍ଣ୍ଣନା କରେ । ତାହାଙ୍କ ସ୍ୱର୍ଗାରୋହଣ ପରେ ତାହାଙ୍କ ପୁନଃ ଆଗମନ ବିଷୟରେ ବାଇବଲର ଶିକ୍ଷା ସକଳ ଗୁରୁତ୍ୱ ଦିଏ । (ପ୍ରେରିତ ୧: ୧୧ ) ପଦରେ ସ୍ୱର୍ଗୀୟ ଦୁଇଦୂତ ଶିଷ୍ୟ ମାନଙ୍କୁ କହନ୍ତି । ହେ ଗାଲିଲୀୟ ଲୋକେ କାହିଁକି ତୁମ୍ଭେମାନେ ଆକାଶ ଆଡକୁ ଚାହିଁ ଠିଆ ହୋଇ ଅଛ ? ଏହି ଯେଉଁ ଯୀଶୁ ତୁମ୍ଭମାନଙ୍କ ନିକଟରୁ ସ୍ୱର୍ଗରେ ଗୃହୀତ ହେଲେ, ତାହାଙ୍କୁ ତୁମ୍ଭେମାନେ ଯେଉଁ ପ୍ରକାରେ ସ୍ୱର୍ଗକୁ ଯିବାର ଦେଖିଲ, ସେ ସେହି ପ୍ରକାରେ ଆଗମନ କରିବେ ।

ତାହାଙ୍କ ପୁନଃରାଗମନ ବିଷୟରେ ଅନେକେ ଅନେକ ପ୍ରକାର ମତ ପ୍ରକଟ କରିଥାନ୍ତି । ମାଥିଉ ୨୪.୩୬ ପଦରେ ଯୀଶୁଖ୍ରୀଷ୍ଟ କହନ୍ତି, ସେହି ଦିନ ଓ ଦଣ୍ଡ ବିଷୟ କେହି ଜାଣନ୍ତି ନାହିଁ, ସ୍ୱର୍ଗର ଦୂତମାନେ କିମ୍ବା ପୁତ୍ର ସୁଦ୍ଧା ଜାଣନ୍ତି ନାହିଁ, କେବଳ ମାତ୍ର ପିତା ଜାଣନ୍ତି । ରାତ୍ରିରେ ଚୋର ଆସିଲା ପରି ପ୍ରଭୁଙ୍କ ଦିନ ଉପସ୍ଥିତ ହେବ ।" (୧ମ ଥେସ ୫:୨) "ଅତଏବ ଜାଗ୍ରତ ଥାଅ କାରଣ ତୁମ୍ଭେମାନେ ସେହି ଦିନ କି ସେହି ଦଣ୍ଡ ଜାଣନାହିଁ ।" (ମାଥିଉ ୨୫:୧୩) । ତେଣୁ କରି ଆମ୍ଭେମାନେ ଆତ୍ମିକ ଭାବେ ସର୍ବଦା ସତର୍କ ରହିବା ଉଚିତ ।

ଆଦି ୨୭:୨ ପଦରେ ଇସହାକ କହନ୍ତି । "... ... ଦେଖ, ମୁଁ ବୃଦ୍ଧ ହୋଇ ଅଛି । କେଉଁଦିନ ମୋହର ମୃତ୍ୟୁ ହେବ, ତାହା ମୁଁ ଜାଣେ ନାହିଁ ।" ପ୍ରତ୍ୟେକ ମନୁଷ୍ୟର ଅବସ୍ଥା ଏହିପରି ଥାଏ, ତେଣୁକରି ଆମ୍ଭେମାନେ ମୃତ୍ୟୁ ଭେଟିବାରେ ସର୍ବଦା ପ୍ରସ୍ତୁତ ରହିବା

ଆବଶ୍ୟକ । ଯୀଶୁଖ୍ରୀଷ୍ଟଙ୍କ ପୁନଃରାଗମନର ସମସ୍ତ ଅନିଶ୍ଚିତତା ଓ ଆମ୍ଭମାନଙ୍କ ପ୍ରାଣତ୍ୟାଗର ଅନିଶ୍ଚିତତା ଆମ୍ଭମାନଙ୍କୁ ସର୍ବଦା ପ୍ରକୃତ ଖ୍ରୀଷ୍ଟିୟାନ ଜୀବନ ଯାପନ କରିବା ନିମନ୍ତେ ସତର୍କ କରାଏ । ଏହି ଜଗତର ସର୍ବନାଶ ବିଷୟରେ ପିତର କହନ୍ତି, ଏହି ସମସ୍ତ ବିଷୟ ଏହି ପ୍ରକାରେ ଲୟ ପ୍ରାପ୍ତ ହେବାରୁ, ଈଶ୍ୱରଙ୍କ ସେହି ଦିନରେ ଆକାଶମଣ୍ଡଳ ଜ୍ୱଳି ଲୟପ୍ରାପ୍ତ ହେବ ଓ ମୌଳିକ ବସ୍ତୁସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବ ।" (୨ୟ ପିତର ୩:୧୧)

ତାହାଙ୍କ ଆଗମନ କେବେ ହେବ କେହି ନ ଜାଣିଥିବାରୁ ପ୍ରତ୍ୟେକ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ । ଅବହେଳା, ଅସ୍ଥିର ଜୀବନ ପାଇଁ ଆମ୍ଭମାନଙ୍କ ଜୀବନରେ ସ୍ଥାନ ନାହିଁ । ସର୍ବଶକ୍ତିମାନ ଧାର୍ମିକ ପରମେଶ୍ୱରଙ୍କ ସମ୍ମୁଖରେ ଠିଆ ହେବା ନିମନ୍ତେ ଆମ୍ଭମାନଙ୍କୁ ସର୍ବଦା ପ୍ରସ୍ତୁତ କରେ । ଏହି ଜଗତର ଆରମ୍ଭରୁ ଅନେକ ଦୁଃଖ କ୍ଳେଶ, ବିପଦ ଘଟି ଆସୁଅଛି, କିନ୍ତୁ ଅପ୍ରସ୍ତୁତ ଜନଙ୍କର ପରିଣାମ ଆହୁରି ଭୟଙ୍କର ହେବ ! ଆମ୍ଭମାନଙ୍କ ଜାଗତିକ ଜୀବନ ଯାପନ ପ୍ରଣାଳୀ, ଆମ୍ଭମାନଙ୍କ ଅନନ୍ତ ଜୀବନର ସ୍ଥାନ ନିରୂପଣ କରେ ।

ଅନେକ ଭ୍ରାନ୍ତ ମତ ଅନୁଯାୟୀ ତାହାଙ୍କ ପୁନଃଆଗମନ ସମ୍ପର୍କରେ ନ ଘଟିବା କେତୋଟି ବିଷୟ :—

**A. ତାହାଙ୍କ ରାଜ୍ୟ ସ୍ଥାପନ କରିବେ ନାହିଁ :**

ଯୀଶୁଖ୍ରୀଷ୍ଟ ପୁନଃଆଗମନ କରି ଯିରୂଶାଲମରେ ଦାଉଦଙ୍କ ସିଂହାସନ ଆସୀନ ହୋଇ ହଜାର ବର୍ଷ ରାଜତ୍ୱ କରିବେ ବୋଲି ଏକ ମତଭେଦ ପ୍ରଚଳିତ ଅଛି । କିନ୍ତୁ ଏହି ମତ ବାଇବଲରୁ ଆସିନ ନାହିଁ । ୧ମ କରିନ୍ଥୀ ୧୫:୨୩-୨୫ ଓ ଏଫିସୀ ୧:୨୦-୨୩ ଅନୁଯାୟୀ ସେ ରାଜ୍ୟ ସ୍ଥାପନ କରି ବର୍ତ୍ତମାନ ରାଜତ୍ୱ କରୁଅଛନ୍ତି । ୧ମ ରାଜାବଳି ୨:୧୨ ପଦ ଓ ୧ମ ବଂଶାବଳୀ ୨୯:୨୩ ପଦ ଗୁଡ଼ିକରୁ ସଦାପ୍ରଭୁଙ୍କ ସିଂହାସନ ଓ ଦାଉଦଙ୍କ ସିଂହାସନ ଏକ ଓ ଅଭିନ୍ନ ବୋଲି

ଜାଣିପାରୁ । ଏହା କେବଳ ଅଧିକାରରୁ ନିଦର୍ଶନ । ପ୍ରକାଶିତ ୩:୨୧ ପଦରେ ବୁଝାଯାଏ, "ଆମ୍ଭେମାନେ ଯେପରି ଜୟ କରି ଆମ୍ଭର ପିତାଙ୍କ ସହିତ ତାହାଙ୍କ ସିଂହାସନରେ ବସିଅଛୁ, ସେପରି ଯେ ଜୟ କରେ ଆମ୍ଭେ ତାହାକୁ ଆମ୍ଭ ସହିତ ଆମ୍ଭର ସିଂହାସନରେ ବସିବାକୁ ଦେବୁ ।" ସେ ଏବେ ପରମେଶ୍ୱରଙ୍କ ସହିତ ସିଂହାସନରେ ବସି ରାଜତ୍ୱ କରୁ ଅଛନ୍ତି ।

ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣା ରାଜ୍ୟ ସ୍ଥାପନ କରିବା ନିମନ୍ତେ ପୁନଃଆଗମନ କରୁ ନାହାନ୍ତି, କାରଣ ମାର୍କ ୯:୧, ଲୂକ-୨୪:୪୯ ପ୍ରେରିତ ୧:୮, ୨:୪ ପଦଗୁଡ଼ିକରୁ ସେ ୨୦୦୦ ବର୍ଷ ପୂର୍ବେ ତାହା ସ୍ଥାପନ କରିଥିଲେ ବୋଲି ଜାଣିପାରୁ । ପ୍ରେରିତ ପିତରଙ୍କ "ହସ୍ତରେ ସ୍ୱର୍ଗ ରାଜ୍ୟର କଞ୍ଚିକାଠି" ଥିବାରୁ (ମାଥିଉ ୧୬:୧୯), ସ୍ୱର୍ଗ ରାଜ୍ୟ ତାହାଙ୍କ ଜୀବନ କାଳରେ ସ୍ଥାପନ ହୋଇ ଥିଲା ବୋଲି ପ୍ରମାଣିତ କରେ । ନିମ୍ନଲିଖିତ ଈଶ୍ୱରଙ୍କ ବାକ୍ୟ ଏହାର ସତ୍ୟତାର ଦୃଢ଼ ପ୍ରମାଣ :— କଲସୀ ୧:୧୩ କହେ, "ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରି ଅଛନ୍ତି ।" (୨) ଏବ୍ରୀ ୧୨:୨୮ "ଅତଏବ ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ ।" (୩) ପ୍ରକାଶିତ ୧:୬ ଆମ୍ଭମାନଙ୍କୁ ଗୋଟିଏ ରାଜକୁଳ କରି ଆପଣା ଈଶ୍ୱର ଓ ପିତାଙ୍କ ନିକଟରେ ଯାଜକ ସ୍ୱରୂପ ନିଯୁକ୍ତ କରି ଅଛନ୍ତି, ତାହାଙ୍କ ଗୌରବ ଓ ପରାକ୍ରମ ଯୁଗେ ଯୁଗେ ହେଉ । ଆମେନ ।

## B. ଯିହୂଦୀ ଧର୍ମର ପୁନଃସ୍ଥାପନ କରିବେ ନାହିଁ :

ଯୀଶୁଙ୍କ ପୁନଃଆଗମନରେ ଯିହୂଦୀ ଧର୍ମ ବ୍ୟବସ୍ଥା ପୁନଃ ପ୍ରଚଳିତ ହେବ ବୋଲି ଅନେକ ଭାବନ୍ତି । କିନ୍ତୁ ମାଥିଉ ୨୬:୨୮ ଓ ଏବ୍ରୀ ୩ - ୨୦ ଦେଖନ୍ତୁ ।

ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁରେ ମୋଶଙ୍କ ବ୍ୟବସ୍ଥାର ଅନ୍ତ ହୋଇଅଛି । ସେ ମୃତ୍ୟୁ ବିଜୟୀ ହୋଇ ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦାୟକ ନୂତନ ବ୍ୟବସ୍ଥା ପ୍ରଦାନ କରି ଅଛନ୍ତି । ତାହାଙ୍କ ଦତ୍ତ ସୁସମାଚାରରୁ ଯୁଗାନ୍ତ ପର୍ଯ୍ୟନ୍ତ ପ୍ରକଟ କରିବାକୁ ମନୁଷ୍ୟ ମାନେ ଆଜ୍ଞାପିତ ହୋଇଅଛନ୍ତି । ( ମାଥିଉ ୨୮ : ୨୦ ) ଯୁଗାନ୍ତ ସମୟରେ ତାହାଙ୍କ ନୂତନ ନିୟମର ବାକ୍ୟାନୁଯାୟୀ ବିଚାରିତ ହେବେ ବୋଲି ଆମ୍ଭମାନେ ଯୋହନ ୧୨ : ୪୮ ଓ ରୋମୀୟ ୨ : ୧୬ ପଦରୁ ଜାଣିପାରୁ ।

## C. ପାପାତ୍ମା ମାନଙ୍କୁ ଦ୍ୱିତୀୟ ସୁଯୋଗ ଦେବେ ନାହିଁ :

ଦ୍ୱିତୀୟ ସୁଯୋଗର ସୁସମାଚାର ନୂତନ ନିୟମ ପ୍ରକଟ କରେ ନାହିଁ । ଏହା ସଦା ପ୍ରଭୁଙ୍କ ଇଚ୍ଛାବିରୁଦ୍ଧ ଅନନ୍ତ ଜୀବନରେ ପ୍ରବେଶ କରିବା ନିମନ୍ତେ ଏହି ଜାଗତିକ ଜୀବନ କାଳରେ ପ୍ରସ୍ତୁତ ହେବା ଆବଶ୍ୟକ । " ... ... ଦେଖ ଏବେ ମହା ଅନୁଗ୍ରହର ସମୟ ଦେଖ ଏବେ ପରିତ୍ରାଣର ଦିନ । " ( ୨ୟ କରନ୍ଥୀ ୬ : ୨ ) ଏହି ପୁସ୍ତକ କର୍ତ୍ତା ଲେଖନ୍ତି ମନୁଷ୍ୟମାନଙ୍କ ନିମନ୍ତେ ଥରେ ମାତ୍ର ମୃତ୍ୟୁ ଆଉ ତାହା ପରେ ବିଚାର ନିରୁପିତ ଅଛି । ସେହିପରି ଖ୍ରୀଷ୍ଟ ମଧ୍ୟ ଅନେକଙ୍କ ପାପ ବହନ କରିବା ନିମନ୍ତେ ଥରେ ମାତ୍ର ଉତ୍ସର୍ଗୀକୃତ ହୋଇ ଦ୍ୱିତୀୟ ଥର ପାପ ସକାଶେ ନୁହେଁ । ବରଂ ଯେଉଁମାନେ ତାହାଙ୍କ ଅପେକ୍ଷାରେ ଅଛନ୍ତି , ସେମାନେ ପରିତ୍ରାଣ ନିମନ୍ତେ ଦର୍ଶନ ଦେବେ । " (ଏବ୍ରୀ - ୯ : ୨୭ ୨୮ ) ଅତଏବ ଅନନ୍ତ ଜୀବନର ଆଶୀଷ ପାଇବାକୁ ଆମ୍ଭମାନଙ୍କୁ "ପ୍ରଭୁଙ୍କ ଠାରେ ମୃତ୍ୟୁ ଭୋଗିବା" ଆବଶ୍ୟକ (ପ୍ରକା୧୪:୧୩) ଅକସ୍ମାତ ପ୍ରଭୁଙ୍କ ପୁନଃରାଗମନ ହେଲେ ଆମ୍ଭେମାନେ ଆମ୍ଭମାନଙ୍କ କର୍ମର ପ୍ରତିଫଳ ପାଇ ପାରିବା ( ପ୍ରକା ୨୨ : ୧୧ - ୧୨ ) । ପରିତ୍ରାଣ ଦାୟକ ଜୀବନ ଦାୟକ ସୁସମାଚାର ଏବେ ପ୍ରଚାରିତ ହେଉଅଛି ଆସ ଆମ୍ଭେମାନେ ସମୟ ଥାଉଁ ୨ ତାହାର ଆଜ୍ଞାବହ ହେଉ !

ଯଦିଓ ଏହି ଜୀବନକାଳରେ ମନୁଷ୍ୟ ପ୍ରଭୁଙ୍କ ଠାରୁ ଦୂରେଇ ଯାଏ । ତଥାପି ତାହାଙ୍କ ଦୃଷ୍ଟିରୁ ଲୁଚି ଯାଇ ପାରେ ନାହିଁ । ଖ୍ରୀଷ୍ଟୀୟ ଜୀବନ ଯାପନ ନ କଲେ ତାହାଙ୍କ ଦୃଷ୍ଟିରେ ଫଳ ଶୂନ୍ୟ ହେବୁ ।

ମାଥିଉ ୨୫ : ୧-୧୩ ପଦ ଗୁଡ଼ିକରେ ପ୍ରସ୍ତୁତ କନ୍ୟା ଓ ଅପ୍ରସ୍ତୁତ କନ୍ୟା ମାନଙ୍କ କାହାଣୀ ଆମ୍ଭେମାନେ ଦେଖିପାରୁ ଏବଂ ଅପ୍ରସ୍ତୁତ କନ୍ୟା ମାନେ ଦ୍ୱାରରେ ପ୍ରବେଶ କରିବା ପୂର୍ବେ ଦ୍ୱାର ବନ୍ଦ କରା ଯାଇ ଥିଲା । ସେମାନେ ଅନନ୍ତକାଳ ପାଇଁ ଦ୍ୱାର ଦେଇ ପ୍ରବେଶ କରି ପାରିଲେ ନାହିଁ !

ପ୍ରିୟ ବନ୍ଧୁ ବିଚାର ଦିନରେ ତାହାଙ୍କ ସିଂହାସନର ସମ୍ମୁଖିନ ହେବାକୁ ଆପଣ କି ପ୍ରସ୍ତୁତ ଅଛ । ତାହାଙ୍କ ବାକ୍ୟର ଆଜ୍ଞାବହ ହୋଇ ବାପ୍ତିଜିତ ହୋଇ ଅଛ ? ( ପ୍ରେରିତ ୨ : ୩୮ ) । ଆପଣଙ୍କ ତାହାଙ୍କ ବାକ୍ୟାନୁସାରେ ଜୀବନ ଯାପନ କରୁଅଛ ? ରାଜା ଶଲୋମନ କହନ୍ତି "ତୁମ୍ଭେ କାଲିର ବିଷୟରେ ଦର୍ପକଥା କୁହ ନାହିଁ । ଯେହେତୁ ଏକ ଦିନ କଅଣ ଉତ୍ପାଦନ କରିବ । ତାହା ତୁମ୍ଭକୁ ଜଣା ନାହିଁ ।" ( ହିତ ୨୭ : ୧ )

ଯୀଶୁଖ୍ରୀଷ୍ଟ ସୁପ୍ରସ୍ତୁତ ଆତ୍ମା ମଣ୍ଡଳୀକୁ ଆପଣା ନିକଟକୁ ନେଇ ଯିବା ନିମନ୍ତେ ଆସୁ ଅଛନ୍ତି । ଅବହେଳା କାରୀ ମାନେ ଅନନ୍ତକାଳ ପରିତାପ କରିବେ । ସୁପ୍ରସ୍ତୁତ ଖ୍ରୀଷ୍ଟିୟାନ ମାନଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ପୁନଃରାଗମନ କେଡେ ଆନନ୍ଦ ଦାୟକ ସମୟ !

**Johnny Ramsey**

## ମଣ୍ଡଳୀର ସ୍ଥାପନ
## ( The establishment of the Church )

ପୂର୍ବ ଅଧ୍ୟାୟରେ ଯିଶାଇୟ ୨:୨,୩, ଯୋୟେଲ ୨:୨୮,୨୯ ଏବଂ ଦାନିୟେଲ ୨:୪୪ ଦ୍ୱାରା ଜାଣିପାରିଲୁ ଯେ, ଇଶ୍ୱରଙ୍କ ରାଜ୍ୟ ଶେଷ ଦିନରେ ସ୍ଥାପନ ହେବାର ଥିଲା । ଯିରୁଶାଲମରେ, ଆତ୍ମାର ଆଗମନ ସହ, ସମସ୍ତ ଗୋଷ୍ଠୀ ଏହି ମଧ୍ୟକୁ ଦୌଡ଼ି ଆସିବେ ଏବଂ ଏହା ଚିରସ୍ଥାୟୀ ହୋଇ ରହିବ । ପରେ ଖ୍ରୀଷ୍ଟ ମାଥିଉ ୧୬:୧୮, ମାର୍କ ୯:୧ ଏବଂ ଲୂକ ୨୪:୪୮-୪୯ ରେ ଆପଣା ମଣ୍ଡଳୀ ସ୍ଥାପନ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ଏହା ଶକ୍ତିର ସହ ଆସିବ ଏବଂ ପାପ କ୍ଷମା ନିମନ୍ତେ ମନ ପରିବର୍ତ୍ତନ ପ୍ରସଙ୍ଗ ସମସ୍ତ ଗୋଷ୍ଠୀ ମଧ୍ୟରେ ଘୋଷଣା କରାଯିବ । ବର୍ତ୍ତମାନ ଆମେ ପ୍ରେରିତ ୨ୟ ଅଧ୍ୟାୟ ଅଧ୍ୟୟନ କରି ଜାଣିପାରୁ ଯେ, ସମସ୍ତ ଭବିଷ୍ୟତ ବାଣୀ ଓ ପ୍ରତିଜ୍ଞା ଏଠାରେ ସଫଳ ହୋଇଅଛି ।

ପ୍ରେରିତ ଦ୍ୱିତୀୟ ଅଧ୍ୟାୟ ଅଧ୍ୟୟନ କଲେ ଆମେ ଦେଖୁଁ ଯେ, ସେ ସମୟରେ ପ୍ରେରିତମାନେ ଯିରୁଶାଲମରେ ଥିଲେ । ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ ସମସ୍ତେ ଏକ ସ୍ଥାନରେ ସମବେତ ଥିଲେ । ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡର ଝଡ଼ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହର ସର୍ବତ୍ର ବ୍ୟାପିଗଲା । ଆଉ ଅଗ୍ନି ସଦୃଶ ଜିହ୍ୱାଗୁଡ଼ିକ ସେମାନଙ୍କ ଦୃଷ୍ଟିଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ । ପୁଣି ଆତ୍ମା ସେମାନଙ୍କୁ ଯେପରି ଶକ୍ତି ଦେଲେ ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ । ଏହି ସମୟରେ ଆକାଶର ନିମ୍ନସ୍ଥିତ ପ୍ରତ୍ୟେକ ଜାତିରୁ ଆଗତ ହୋଇ ଯିରୁଶାଲମରେ ବାସ କରୁଥିବା ଭକ୍ତ

ଯିହୁଦୀମାନେ ଯେ ପାଖରେ ଥିଲେ । ଆଉ ସେହି ଯିହୁଦୀଅନ୍ତେ ଆଉ ବହୁ ଜନତା ଏକତ୍ର ହୋଇ ପ୍ରତ୍ୟେକ ଜଣ ଆପଣା ଆପଣା ଭାଷାରେ ସେମାନଙ୍କୁ କଥା କହୁଥିବା ଶୁଣିବାରୁ ହତବୁଦ୍ଧି ହେଲେ । ( ପ୍ରେରିତ ୨ : ୧୬ ) ଆଗରେ ଆହୁରି ମଧ୍ୟ ଲେଖାଅଛି । ଆଉ ସମସ୍ତେ ଆଚମ୍ବିତ ଓ ହତବୁଦ୍ଧି ହୋଇ ପରସ୍ପର କହିବାକୁ ଲାଗିଲେ, ଏହାର ଅର୍ଥ କଣ ? କିନ୍ତୁ ଅନ୍ୟମାନେ ବିଦ୍ରୂପ କରି କହିଲେ, ଏମାନେ ମିଷ୍ଟ ଦ୍ରାକ୍ଷାରସରେ ମତ୍ତ ଅଛନ୍ତି । କିନ୍ତୁ ପିତର ଏକାଦଶଙ୍କ ସହିତ ଠିଆ ହୋଇ ଉଚ୍ଚ ସ୍ୱରରେ ସେମାନଙ୍କ ନିକଟରେ ବକ୍ତୃତା କରି କହିଲେ, ହେ ଯିହୁଦୀ ଲୋକେ ଓ ଯିରୂଶାଲମ ନିବାସୀ ସମସ୍ତେ ଏହା ଜ୍ଞାତ ହୁଅନ୍ତୁ ଓ ମୋହର କଥାରେ କର୍ଣ୍ଣପାତ କରନ୍ତୁ । କାରଣ ଆପଣମାନେ ଯେପରି ମନେ କରୁଅଛନ୍ତି, ଏମାନେ ମାତାଲ ନୁହନ୍ତି, ଯେଣୁ ବର୍ତ୍ତମାନ ସମୟ ସକାଳ ନଅ ଘଣ୍ଟା ମାତ୍ର । କିନ୍ତୁ ଯୋୟେଲ ଭାବବାଦୀଙ୍କ ଦ୍ୱାରା ଯାହା ଉକ୍ତ ଅଛି । ଏ ସେହି ଘଟଣା ଈଶ୍ୱର କହନ୍ତି, ଶେଷ କାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ତୁମର ପୁତ୍ର କନ୍ୟାଗଣ ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ । ପୁଣି ତୁମ୍ଭମାନଙ୍କ ପ୍ରାଚୀନମାନେ ସ୍ୱପ୍ନ ଦେଖିବେ । ଆଉ ଏପରି ଘଟିବ ଯେ, ଯେ କେହି ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବ ସେ ପରିତ୍ରାଣ ପାଇବ ( ପ୍ରେରିତ ୨ : ୧୨-୧୭, ୨୧ ) ।

ପିତର ଏହିସବୁ ଘଟଣା କିପରି ଭାବବାଦୀମାନଙ୍କ ଦ୍ୱାରା-କଥିତ ଭବିଷ୍ୟତ ବାଣୀ ସଫଳ ହୋଇଅଛି ବୋଲି ଦେଖାଇ ନିଜ ପ୍ରସଙ୍ଗ ଆରମ୍ଭ କଲେ । ସେ କହିଲେ ଯେ, ଯୀଶୁ ନାନା ଶକ୍ତିର କାର୍ଯ୍ୟ ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ସେମାନଙ୍କ ନିକଟରେ ଈଶ୍ୱରଙ୍କ ପ୍ରେରିତ ବ୍ୟକ୍ତି ବୋଲି ପ୍ରକାଶିତ ହୋଇଥିଲେ ପରେ ସେ କହନ୍ତି ଯୀଶୁ ଅଧାର୍ମିକମାନଙ୍କ ହସ୍ତରେ କ୍ରୁଶବିଦ୍ଧ ଓ ବଧ ହୋଇଥିଲେ । କିନ୍ତୁ ଈଶ୍ୱର ମୃତ୍ୟୁର ବନ୍ଧନ ମୁକ୍ତ କରି ପୁନର୍ଜୀବିତ ଅଛନ୍ତି । ପିତର, ସମ୍ମୁଖରେ ଥିବା ଲୋକ ସମୂହଙ୍କୁ ଖ୍ରୀଷ୍ଟ ଯେ ଏ ଜଗତରେ ରହୁଥିଲେ । ମୃତ୍ୟୁଭୋଗ କଲେ, ସମାଧିପ୍ରାପ୍ତ ହୋଇ ଏବଂ ପରେ ସ୍ୱର୍ଗାରୋହଣ କରି ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି, ଏହି ବିଷୟରେ ବିଶ୍ୱାସ-
[illegible]

ଯୁକ୍ତ କରିବା ପାଇଁ ଦାଉଦଙ୍କ ଉଦାହରଣ ମଧ୍ୟ ଦେଲେ । ସେ କହିଲେ, ଏହି ଯୀଶୁଙ୍କୁ ଈଶ୍ୱର ଉଠାଇ ଅଛନ୍ତି ସେ ବିଷୟରେ ଆମ୍ଭେମାନେ ସମସ୍ତେ ସାକ୍ଷୀ । ଅତଏବ ସେ ଈଶ୍ୱରଙ୍କ ଦକ୍ଷିଣ ହସ୍ତ ଦ୍ୱାରା ଉନ୍ନତ ଓ ପିତାଙ୍କ ଠାରୁ ପ୍ରତିଜ୍ଞାତ ପବିତ୍ର ଆତ୍ମାପ୍ରାପ୍ତ ହୋଇ, ଏହା ଯାହା ଆପଣମାନେ ଦେଖୁଅଛନ୍ତି ଓ ଶୁଣୁଅଛନ୍ତି । ତାହା ସେ ବୃଷ୍ଟି କରିଅଛନ୍ତି । କାରଣ ଦାଉଦ ସ୍ୱର୍ଗାରୋହଣ କରି ନଥିଲେ । କିନ୍ତୁ ସେ ନିଜେ କହନ୍ତି, ପ୍ରଭୁ ମୋହର, ପ୍ରଭୁ କହିଲେ, ଆମ୍ଭେ ଯେ ପର୍ଯ୍ୟନ୍ତ ତୁମ୍ଭର ଶତ୍ରୁମାନଙ୍କୁ ତୁମ୍ଭର ପାଦପୀଠ କରିନାହୁଁ, ସେ ପର୍ଯ୍ୟନ୍ତ ଆମ୍ଭର ଦକ୍ଷିଣପାର୍ଶ୍ୱରେ ବସିଥାଅ । ଅତଏବ ସମସ୍ତ ଇସ୍ରାଏଲ କୁଳ ନିଶ୍ଚୟ ଜାଣନ୍ତୁ ଯେ, ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ ବଧ କଲ, ତାହାଙ୍କୁ ଈଶ୍ୱର ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରି ଅଛନ୍ତି । ଏହି କଥା ଶୁଣି ସେମାନଙ୍କ ମନ ବିଦୀର୍ଣ୍ଣ ହୋଇଗଲା । ପୁଣି ସେମାନେ ପିତର ଏବଂ ଅବଶିଷ୍ଟ ପ୍ରେରିତମାନଙ୍କୁ କହିଲେ, ଭାଇମାନେ ଆମ୍ଭେମାନେ କଅଣ କରିବା ? ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନପରିବର୍ତ୍ତନ କରନ୍ତୁ ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନପ୍ରାପ୍ତ ହେବେ । କାରଣ ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ, ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ ପ୍ରଭୁ ଆମ୍ଭମାନଙ୍କ, ଈଶ୍ୱର ଆପଣା ନିକଟକୁ ଡାକିବେ, ସେହି ସମସ୍ତଙ୍କ ନିମନ୍ତେ । ପୁଣି ଅନ୍ୟାନ୍ୟ ଅନେକ କଥା ଦ୍ୱାରା ସେ ସାକ୍ଷ୍ୟ ଦେବାକୁ ଲାଗିଲେ ଓ ସେମାନଙ୍କୁ ଉପଦେଶ ଦେଇ କହିଲେ ଏହି କୁଟିଳ ବଂଶ ଠାରୁ ଆପଣମାନେ ରକ୍ଷାପ୍ରାପ୍ତ ହୁଅନ୍ତୁ । ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ, ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ । ଈଶ୍ୱରଙ୍କ ପ୍ରଶଂସା କରୁଥିଲେ ଏବଂ ସମସ୍ତ ଲୋକଙ୍କର ପ୍ରିୟପାତ୍ର ହେଉଥିଲେ । ପୁଣି ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ । ( ପ୍ରେରିତ ୨ : ୩୨-୪୧ ଓ ୪୭ )

ଉପରଲିଖିତ ବାକ୍ୟରେ ମଣ୍ଡଳୀ କିପରି ସ୍ଥାପିତ ହେଲା

ଜଣାପଡ଼େ । ଏହା ଯିରୁଶାଲମରେ ସ୍ଥାପିତ ହୋଇଥିଲା ବୋଲି ଦେଖିପାରୁ । ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରେରିତମାନଙ୍କ ଉପରେ ଢଳା ଯାଇଥିଲା । ଏହା ଭବିଷ୍ୟତ ବାଣୀର ସଫଳତା । ତେଣୁ ପିତର କହିଲେ, ଯୋୟେଲ ଭବବାଦୀଙ୍କ ଦ୍ୱାରା ଯାହାର ଉକ୍ତ ଅଛି ଏ ସେହି ଘଟଣା । ( ପ୍ରେରିତ : ୧୬ ) ଯେଣୁ ଭବବାଦୀମାନେ ଏହା ଶେଷ କାଳରେ ଘଟିବ ବୋଲି କହିଥିଲେ ଏବଂ ପିତର କହିଲେ, ଏହା ଭବବାଦୀମାନେ କହିବା ପ୍ରକାରେ ଘଟିଅଛି । ତେଣୁକରି ଆମ୍ଭେମାନେ ମଣ୍ଡଳୀ ଯେ ଶେଷ କାଳରେ ସ୍ଥାପିତ ହୋଇଥିଲା ବୋଲି ଜାଣିପାରୁ । ପାପ କ୍ଷମା ନିମନ୍ତେ ମନ ପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କଲାବେଳେ ସମସ୍ତ ଗୋଷ୍ଠୀ ସେଠାରେ ଉପସ୍ଥିତ ଥିଲେ । ଆଉ ତିନି ହଜାର ଲୋକ ଆଜ୍ଞାକାରୀ ହୋଇ ପରିତ୍ରାଣ ପ୍ରାପ୍ତ ହୋଇ, ମଣ୍ଡଳୀରେ ସଂଯୁକ୍ତ ହେଲେ । ତେଣୁ କରି ଖ୍ରୀଷ୍ଟ ମଣ୍ଡଳୀକୁ ଏ. ଡି ୩୩ ରେ ଯିରୂଶାଲମରେ ପ୍ରତିଷ୍ଠା କଲେ ଏବଂ ତାହା ଚିରସ୍ଥାୟୀ ହୋଇ ରହିଅଛି ।

## ମଣ୍ଡଳୀର ରୂପରେଖ

## ( Identity of the Church )

ଅନେକ ଦିନରୁ ହଜିଇଥିବା ବନ୍ଧୁଙ୍କୁ ଆପଣ କିପରି ଚିହ୍ନି ପାରିବେ ? ସ୍ୱାଭାବିକ ଭାବେ, ପ୍ରଥମେ ବନ୍ଧୁଙ୍କ ସମସ୍ତ ରୂପରେଖ ସଂଗ୍ରହ କରି, ପରେ ତାଙ୍କୁ ଖୋଜି ବାହାରିବେ । ଯଦି କୌଣସି ବ୍ୟକ୍ତି ସହିତ ଆପଣଙ୍କ ପାଖରେ ଥିବା ସମସ୍ତ ରୂପରେଖ ସହିତ ମିଳୁଥାଏ, ତେବେ ଆପଣ ତାଙ୍କୁ ଆପଣା ବନ୍ଧୁ ରୂପେ ସ୍ୱୀକାର କରନ୍ତି । ସେହିପରି ଏହି ଜଗତରେ ଅନେକ ମଣ୍ଡଳୀ ରହିଅଛି । କେଉଁ ମଣ୍ଡଳୀ ଠିକ୍ ଓ ପ୍ରକୃତ ମଣ୍ଡଳୀ କିପରି ଜାଣି ପାରିବା ? କେଉଁ ମଣ୍ଡଳୀ ପ୍ରକୃତରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ବୋଲି ନିର୍ଣ୍ଣୟ କରି ପାରିବା ? ପ୍ରଥମେ ମଣ୍ଡଳୀର ସମସ୍ତ ରୂପରେଖ ନେଇ ଏହି ଜଗତର ମଣ୍ଡଳୀ ଗୁଡ଼ିକ ସହିତ ତୁଳନା କରିବା, ଯେବେ କୌଣସି ମଣ୍ଡଳୀ ପ୍ରକୃତ ରୂପରେଖା ସହିତ ମିଳିତ ହୁଏ, ତାକୁ ପ୍ରକୃତରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ବୋଲି ସ୍ୱୀକାର କରିବା କିନ୍ତୁ ପ୍ରଥମେ ମଣ୍ଡଳୀର ରୂପରେଖ କ'ଣ ? ତାହା ଆମେ କେଉଁଠି ପାଇବା ? ବାଇବଲ ହିଁ ତାର ଉତ୍ତର ।

ବାଇବଲ ହିଁ ମଣ୍ଡଳୀର ପ୍ରକୃତ ରୂପରେଖ ଦିଏ । ଯଥା :-

୧. ଖ୍ରୀଷ୍ଟ ତାକୁ ସ୍ଥାପନ କଲେ -ଆଉ ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ ।

୨. ଏହା ଯିରୂଶାଲମରେ ଆରମ୍ଭ ହୋଇଥିଲା । ଏହା ଲୂକ- ୨୪:୪୬-୪୯ ଏବଂ ପ୍ରେରିତ ୨:୫ ରେ ଲେଖା ଯାଇଅଛି ।

୩. ଏହାର ଆରମ୍ଭ ଖ୍ରୀଷ୍ଟଜନ୍ମ ୩୩ମ ମସିହାରେ ହୋଇଥିଲା । ଏହା ପ୍ରେରିତ ୨ୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହା ପେଣ୍ଟିକଷ୍ଟ ( Penticost ) ଦିନରେ ସ୍ଥାପିତ ହୋଇଥିଲା ।

୪. ଏହା ଖ୍ରୀଷ୍ଟଙ୍କ ନାମ ଧାରଣ କରିଥିଲା । ପାଉଲ କେତେକ ମଣ୍ଡଳୀ ବିଷୟରେ କହିବା ବେଳେ ଏପରି ଲେଖନ୍ତି, "ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି ।" (ରୋମୀୟ ୧୬ : ୧୬) ପୁଣି କରିନ୍ଥୀୟ ମଣ୍ଡଳୀକୁ ଲେଖନ୍ତି, "ତୁମେମାନେ ଖ୍ରୀଷ୍ଟଙ୍କ ଶରୀର, ଆଉ ଏକ ଏକ ଜଣ ଏକ ଅଙ୍ଗ ସ୍ୱରୂପ ।" (୧ମ କରିନ୍ଥୀ ୧୨:୨୭) କିନ୍ତୁ ଶରୀରର ଅର୍ଥ କ'ଣ ? ମଣ୍ଡଳୀ ଖ୍ରୀଷ୍ଟଙ୍କ ଶରୀର ସ୍ୱରୂପ ଅଟେ । (ଏଫିସୀ ୧:୨୨-୨୩)

୫. ଏହାର ସଭ୍ୟମାନେ ଖ୍ରୀଷ୍ଟିୟାନ ବୋଲି ପରିଚିତ ହେଲେ; "ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ" (ପ୍ରେରିତ ୧୧:୨୬) । "ସେଥିରେ ଆଗ୍ରିପ୍ପା ପାଉଲଙ୍କୁ କହିଲେ, ଅଳ୍ପ କଥାରେ ତୁମ୍ଭେ ଆମ୍ଭକୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେକରୁଅଛ" (ପ୍ରେରିତ ୨୬:୨୮) । "କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡଭୋଗ କରେ, ତାହାହେଲେ ସେ ଲଜ୍ଜା ବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ" (୨ ପିତର ୪:୧୬) । ମନେ ରଖନ୍ତୁ, "ତାହାଙ୍କ ଛଡ଼ା ଅଉ କାହାଠାରେ ପରିତ୍ରାଣ ନାହିଁ । କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ" (ପ୍ରେରିତ ୪:୧୨) ।

୬. ଖ୍ରୀଷ୍ଟ ଏକମାତ୍ର ସମସ୍ତ ସ୍ୱରୂପ, "ଆଉ ସେ ମଣ୍ଡଳୀ ରୂପ ଶରୀରର ମସ୍ତକ ସ୍ୱରୂପ, ସେ ଆଦି ମୃତମାନଙ୍କ ମଧ୍ୟରୁ ପ୍ରଥମ ଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।" (କଲସୀ ୧:୧୮)

୭. କେବଳ ଏକମାତ୍ର ମଣ୍ଡଳୀ ରହିଅଛି । "ଏକ ଶରୀର ଓ ଏକ ଆତ୍ମା, ଯେଉଁ ରୂପେ ତୁମ୍ଭେମାନେ ତୁମ୍ଭମାନଙ୍କ ଆହ୍ୱାନର ଏକ

ଭରଷାରେ ମଧ୍ୟ ଆହୂତ ହୋଇଅଛ (ଏଫିସି ୪:୪) । କିନ୍ତୁ ଏକ ଶରୀରର ଅର୍ଥ କ'ଣ ? ଏହା ମଣ୍ଡଳୀ ଅଟେ (କଲସୀୟ ୧:୧୮) ଯେଣୁ କେବଳ ଏକମାତ୍ର ଶରୀର ରହିଅଛି ଓ ସେହି ଶରୀର ମଣ୍ଡଳୀ ଅଟେ, ତେଣୁ ଏହା ପ୍ରମାଣିତ ହୁଏ ଯେ, କେବଳ ଏକମାତ୍ର ମଣ୍ଡଳୀ ରହିଅଛି ।

୮. ମଣ୍ଡଳୀର ସଭ୍ୟ ହେବା ନିମନ୍ତେ କେତେ ଟି ନିୟମ ଆବଶ୍ୟକ, ଏହା ବିଶ୍ୱାସ [ ଏବ୍ରୀ ୧୧ : ୧୬ ], ମନ ପରିବର୍ତ୍ତନ ପ୍ରେରିତ ୧୭:୩୦, ସ୍ୱୀକାର [ରୋମୀୟ ୧୦, ୯-୧୦] ଏବଂ ବାପ୍ତିସ୍ମ [ ମାର୍କ ୧୬:୧୬] । ଜଣେ ପରିତ୍ରାଣ ପ୍ରାପ୍ତ ହେବାପରେ ମଣ୍ଡଳୀରେ ସଂଯୁକ୍ତ ହୁଏ ଏବଂ [ରୋମୀୟ ୬:୩-୪] [ଗାଲାତୀୟ ୩:୨୬-୨୭] ଓ [୧ମ କରିନ୍ଥୀୟ ୧୨:୧୩] ଅନୁଯାୟୀ ଜଣେ ଖ୍ରୀଷ୍ଟଙ୍କ ଠାରେ ଓ ମଣ୍ଡଳୀରେ ବାପ୍ତିସ୍ମ ନିଏ । ଏହିସବୁ ନିୟମ ପାଳନ ଦ୍ୱାରା, ଜଣେ ଖ୍ରୀଷ୍ଟଙ୍କ ମଣ୍ଡଳୀ ବା ସ୍ୱର୍ଗରାଜ୍ୟରେ ଜନ୍ମ ନିଏ [ଯୋହନ ୩:୩-୫] ।

୯. ଏହାର ଆରାଧନା ପଦ୍ଧତିରେ ବିଶେଷତ୍ୱ ରହିଅଛି । ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ର ହୋଇ (ପ୍ରେରିତ ୨୦:୭) ଗୀତ ଗାଇଥନ୍ତି ( ଏଫିସିୟ ୫:୧୯ ), ପ୍ରାର୍ଥନା କରନ୍ତି ( ପ୍ରେରିତ- ୨:୪୨), ବାକ୍ୟ ଧ୍ୟାନ କରନ୍ତି (୨ ତୀମଥି ୨:୧୫) ପ୍ରଭୁ ଭୋଜର ଭାଗୀ ହୁଅନ୍ତି (୧ମ କରିନ୍ଥୀୟ ୧୬:୨) ।

୧୦. ମଣ୍ଡଳୀର ସିଦ୍ଧାନ୍ତ ସବୁର ଭିତ୍ତିମୂଳ ବାଇବଲ ଅଟେ । ଏଥିରେ ବାକ୍ୟ ବିନା ଯୋଗ ବା ବିଯୋଗରେ ଗ୍ରହଣ କରାଯାଏ । ( ପ୍ରକଶିତ ୨୨:୧୮-୧୯ ଓ ଗାଲାତୀୟ ୧:୬-୧୧ ) ବାଇବଲ ଏକ ଏବଂ ଏକମାତ୍ର ମଣ୍ଡଳୀର ନିୟମ ପୁସ୍ତକ । ଅଧିକା ପୁସ୍ତକ ବା ନିୟମ ପୁସ୍ତକଗୁଡ଼ିକ ଗ୍ରହଣ କରାଯାଏ ନାହିଁ ।

୧୧. ମଣ୍ଡଳୀର କାର୍ଯ୍ୟ ସବୁ ଈଶ୍ବରଙ୍କ ଯୋଜନା ଅନୁଯାୟୀ ନିର୍ବାହିତ ହୁଏ । ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ସ୍ୱରୂପ (ଏଫିସିୟ ୫:୨୩) ଓ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀର ନିଜ ନିଜ ପ୍ରାଚୀନ ଓ ଅଧ୍ୟକ୍ଷମାନେ ଥାନ୍ତି (୧ମ ତୀମଥି ୩:ତୀତସ ୧ ପର୍ବ)ଖ୍ରୀଷ୍ଟଙ୍କ ମଣ୍ଡଳୀର ଜଗତରେ କୌଣସି ପ୍ରଧାନ ବା ପ୍ରଧାନ କାର୍ଯ୍ୟାଳୟ( **Head or Head Quarter** ) କିମ୍ବା ଏହାର ଜାତୀୟ ବା ଅନ୍ତର୍ଜାତୀୟ ମନୁଷ୍ୟ ନିର୍ମିତ ସଂସ୍ଥା ନାହିଁ ।

୧୨. ମଣ୍ଡଳୀର କାର୍ଯ୍ୟ ତିନୋଟି ଭାଗରେ ବିଭକ୍ତ । ପ୍ରଥମରେ, ସୁସମାଚାର ପ୍ରଚାର କରିବା, ( ମାର୍କ ୬.୧୫ ଓ ୧୬ ) ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ( ଗାଲାତୀୟ ୬: ଯାକୁବ ୨ ପର୍ବ ) ଏବଂ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବୃଦ୍ଧି ପାଇବାକୁ ସଭ୍ୟମାନଙ୍କୁ ଉତ୍ସାହ ଦେବା (ଏବ୍ରୀ ୩:୧୨-୧୪) ।

୧୩. ପ୍ରତ୍ୟେକ ଖ୍ରୀଷ୍ଟିୟାନ ଉତ୍ତମ ବିଶ୍ୱସ୍ତ ଜୀବନଯାପନ କରିବା ଆବଶ୍ୟକ । ସେମାନେ ଜଗତକୁ ପ୍ରେମ କରନ୍ତି ନାହିଁ । (୧ମ ଯୋହନ ୨:୧୫ ଓ ଯାକୁବ ୪:୪) କିନ୍ତୁ ଆତ୍ମାର ଫଳ ଉତ୍ପନ୍ନ କରନ୍ତି (ଗାଲାତୀୟ ୫:୨୨-୨୩), କେବଳ ବିଶ୍ବସ୍ତ ଖ୍ରୀଷ୍ଟିୟାନ ହିଁ ଜୀବନର ମୁକୁଟ ପାଇପାରିବ (ପ୍ରକାଶିତ ବାକ୍ୟ ୨:୧୦) ।

ଏହିସବୁ ମଣ୍ଡଳୀର କେତୋଟି ଲକ୍ଷଣ । ଏହି ଧାରା ସବୁର ଭିତ୍ତିମୂଳ ବାଇବଲ ଅଟେ । ଆପଣଙ୍କ ମଣ୍ଡଳୀକୁ ଏହିସବୁ ଲକ୍ଷଣ ସହିତ ତୁଳନା କରି ଦେଖନ୍ତୁ । ଉଦାହରଣ ସ୍ୱରୂପ, ପ୍ରଥମ ପ୍ରତ୍ୟେକଟି ଲକ୍ଷଣ ନିଅନ୍ତୁ । "କିଏ ମୋର ମଣ୍ଡଳୀକୁ ସ୍ଥାପନ କଲା ?" ଏ ପ୍ରଶ୍ନ ଆପଣ ଆପଣଙ୍କୁ କରନ୍ତୁ । ଏହା ଖ୍ରୀଷ୍ଟଙ୍କ ବା ମନୁଷ୍ୟ ଦ୍ୱାରା ସ୍ଥାପିତ ?

ମୋର ମଣ୍ଡଳୀ କେଉଁଠି ସ୍ଥାପିତ ହୋଇଥିଲା ? ଏହା ଯିରୂଶାଲମରେ ନା ଅନ୍ୟ କୌଣସି ସ୍ଥାନରେ ଆରମ୍ଭ ହୋଇଥିଲା ? ତୃତୀୟ ପ୍ରଶ୍ନ, କେବେ ମୋର ମଣ୍ଡଳୀ ସ୍ଥାପିତ ହୋଇଥିଲା ? ଯଦି ଏହା ଖ୍ରୀ:ଅ ୩୩ ପରେ ହୋଇଥିଲା, ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ନୁହେଁ । ଶେଷ ପ୍ରଶ୍ନ, ମୋର ମଣ୍ଡଳୀ କେଉଁ ନାମରେ ନାମିତ ? ଯଦି ଏହା ଖ୍ରୀଷ୍ଟଙ୍କ ନାମ ଧାରଣ କରି ନଥାଏ, ତାହା କିପରି ଖ୍ରୀଷ୍ଟଙ୍କ ହୋଇପାରେ ? ଆପଣ ଆପଣଙ୍କୁ ଆହୁରି ପ୍ରଶ୍ନ କରିପାରନ୍ତି ? ଏହି ମୁଖ୍ୟ ଗୁଟେଟି ପ୍ରଶ୍ନ ଆପଣଙ୍କୁ ବୁଝାଇ ପାରିବେ ଯେ, ଆପଣଙ୍କ ମଣ୍ଡଳୀ ଖ୍ରୀଷ୍ଟଙ୍କର ବା ମନୁଷ୍ୟ ନିର୍ମିତ । ଆପଣ, ଅନ୍ୟ ସବୁ ମଣ୍ଡଳୀ ଗୁଡ଼ିକକୁ ମଧ୍ୟ, ସେ ଗୁଡ଼ିକ ଖ୍ରୀଷ୍ଟଙ୍କର ମଣ୍ଡଳୀ ଅଟେ ନା ନାହିଁ, ଏହିସବୁ ଲକ୍ଷଣ ସହିତ ତୁଳନା କରି ଜାଣିପାରିବେ । ଆପଣ ସରଳ ହୃଦୟୀ ଓ ସତ୍ୟପ୍ରିୟ ହୋଇ ଥିଲେ, ଏଥିର ପାର୍ଥକ୍ୟ ବୁଝିପାରିବେ ।

ଆପଣ ଯେତେବେଳେ ଜାଣିପାରିଲେ ଯେ, ଆପଣ ବାଇବଲରେ ବର୍ଣ୍ଣିତ ମଣ୍ଡଳୀର ସଭ୍ୟ ନୁହନ୍ତି, ତେବେ ଆପଣ ସେହି ମଣ୍ଡଳୀକୁ ଛାଡ଼ି ସତ୍ୟ ଶିକ୍ଷା କରି, ତା'ର ଆଜ୍ଞାକାରୀ ହୋଇ, ବାକ୍ୟରେ ଥିବା ମଣ୍ଡଳୀର ସଭ୍ୟ ହୁଅନ୍ତୁ । ତାହାହେଲେ ପରିତ୍ରାଣ ଥିବା ମଣ୍ଡଳୀରେ, ଆପଣ ଆପଣଙ୍କୁ ପାଇପାରିବେ ।

## WARNINGS FROM HEAVEN

**Acts 20:31; Col 1 :28**

INTRODUCTION :

1. A warning is but an admonition.
2. It is usually classified with the bad, the negative.
3. Many warnings in this world.
4. The Bible is literally filled with them.

DISCUSSION :

**A. The Purpose of Warnings.**

1. To cause us to stop and think.
2. To give us an opportunity to choose between good and evil.
3. To encourage us to accept the safe course.
4. Otherwise there would be no need for warnings.

**B. Those In Position To Warn.**

1. God - knows all.
2. Any man - who knows the truth.
3. The preacher - he is commanded (2Tim. 4:2).

**C. Those who Are Warned.**

1. Asked to search the scriptures (John 5:39).
2. Make up their own mind.
3. Accept it or reject it.

**D. Some Warnings From Heaven.**

1. Shall be those to arise who claim they are Christ (Matt. 24:4,5).
2. Call no man Father (Matt 23:9).
3. No man serves two masters (Matt. 6:24).
4. Believe not every Spirit (1John 4:1)..
5. Woe be unto me if I preach not he gospel (Gal.1:7-9).
6. Add not - subtract not (Rev. 22:18,19).
7. Whosoever abideth not in the doctrine hath not God (2 John 9).
8. Whosoever shall deny me (Matt. 10:33).

9. He that believeth not (Mk. 16:16).
10. Broad and narrow way (Matt. 7:13,14).
11. Love not the world (1John 2:15).
12. Be not deceived (Gal. 6:7,8).
13. Be not deceived (1Cor. 15:13).
14. The wages of sin is death (Rom. 6:23).
15. Train up a child (Prov. 22:6).
16. Not every one (Matt. 7:21).
17. Take heed (Tim. 4:16).
18. The evil shall be destroyed (Matt. 25:46).

CONCLUSION :

1. Only those who profit by these warnings will be saved.
2. Thank God you have been warned in time.

**- J. C. Choate.**

---

From
**SATYA VANI**
P.o. Box 80
KAKINADA - 533 001
Printed Book only

To

(FOR PRIVATE CIRCULATION ONLY)